بِسۡمِ اللّٰہِ الرَّحۡمٰنِ الرَّحِیۡمِ

୯ ମଇ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ଯୁଦ୍ଧ ଓ ସରିୟାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା । ସମ୍ପ୍ରତି ଯୁଦ୍ଧର ଯେଉଁ ଉତ୍କଟ ପରିସ୍ଥିତି ଉପୁଜିଛି ତହିଁରେ (ବିରାମ) ଲାଗିବା ନିମନ୍ତେ ଦୁଆ କରିବାକୁ ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ମୌତା ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ମୌତା ଯୁଦ୍ଧର ଅବଶିଷ୍ଟ ଘଟଣାବଳୀର ବର୍ଣ୍ଣନା ଏପରି ଉଲ୍ଲେଖ ରହିଛି ଯେ, ହଜରତ ଖାଲିଦ୍ ବିନ୍ ଓଲିଦ୍[ର.ଅ] ବର୍ଣ୍ଣନା କରନ୍ତି; ମୌତା ଯୁଦ୍ଧ ଦିନ ମୋ ହସ୍ତରେ ନଅ ଗୋଟି ଖଣ୍ଡା ଭାଙ୍ଗି ଥିଲା । ଆଉ କେବଳ ଗୋଟିଏ ଚଉଡ଼ା ୟମ୍‌ନୀ ଖଣ୍ଡା ବାକି ରହିଯାଇଥିଲା । ଏହି ବର୍ଣ୍ଣନାରୁ ଜ୍ଞାତ ହେଉଛି ଯେ, ମୁସଲମାନମାନେ ବହୁଳ ସଂଖ୍ୟକ ଅମାନ୍ୟକାରୀଙ୍କୁ ବଧ କରିଥିଲେ । କାରଣ ଏତଦ୍ ଭିନ୍ନ ସେମାନେ ଅମାନ୍ୟକାରୀଙ୍କ କବଳରୁ ମୁକ୍ତି ପାଇପାରି ନଥାନ୍ତେ । ତେବେ ସମୁଦାୟ ମୁସଲମାନ ସୈନିକଙ୍କ ସଂଖ୍ୟା ୩୦୦୦ଥିଲା ଯେତେବେଳେ କି ଅମାନ୍ୟକାରୀଙ୍କ ସଂଖ୍ୟା ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ରହିଥିଲା ।

ହଜରତ ମୁସଲେହ୍ ମଉଦ[ର.ଅ] ବର୍ଣ୍ଣନା କରିଛନ୍ତି; କେତେକ ଲୋକ ସମସ୍ୟାକୁ ହୃଦୟଙ୍ଗମ କରିନେଇଥାନ୍ତି ତ ଆଉ କେତେକ ଲୋକ ତାହାର ଖିଅ ପାଇ ନଥାନ୍ତି । ତେବେ ଏକଥାର ଆବଶ୍ୟକତା ରହିଥାଏ ଯେ, ଯେଉଁ ଲୋକମାନେ ବୁଦ୍ଧିମାନ ସେମାନେ ସେହି ଅଜ୍ଞାତ ଲୋକମାନଙ୍କୁ ବୁଝାନ୍ତୁ, ଏପରି କହିବା ପରିବର୍ତ୍ତେ କି ସେମାନେ ସ୍ୱୟଂ କାହିଁ ଚିନ୍ତା ଓ ଅନୁଧ୍ୟାନ କରୁ ନାହାନ୍ତି ଅବା ସେମାନଙ୍କର କୌଣସି ଅନ୍ତଃର୍ନିହିତ ପାପ ଯୋଗୁଁ ସେମାନେ ପ୍ରଭୁଙ୍କ କୃପା ଲାଭ କରିବାରୁ ବଂଚିତ ରହିଛନ୍ତି । ତେବେ ଏହି କଷ୍ଟସାଧ୍ୟ ବିଷୟ ଦୁଇ କିସମର । ଗୋଟିଏ ଜ୍ଞାନ ଭିତ୍ତିକ ବିଷୟ ଯାହାକି ସୂକ୍ଷ୍ମ ଦର୍ଶନ ତତ୍ତ୍ୱ ଉପରେ ପର୍ଯ୍ୟବସିତ ଉଦାହରଣ ସ୍ୱରୂପ ଏକେଶ୍ୱରବାଦ । ଏହାର ଏତିକି କଥା ତ (ସାଧାରଣ ଲୋକେ) ବୁଝନ୍ତି ଯେ, ପରମେଶ୍ୱର ଏକ ଓ ଅଦ୍ୱିତୀୟ । କିନ୍ତୁ ଆଗକୁ ଏହି ବିଷୟରେ ସାଧୁସନ୍ଥଙ୍କ ସୂକ୍ଷ୍ମ ତତ୍ତ୍ୱ ଯେ, କିପରି ମନୁଷ୍ୟର ପ୍ରତ୍ୟେକ କାର୍ଯ୍ୟରେ ଈଶ୍ୱରଙ୍କ ଏକେଶ୍ୱରବାଦ ପ୍ରଭାବ ପକାଇଥାଏ । ଏକଥାକୁ ବୁଝିବା ସକାଶେ ଜଣେ ବିଦ୍ୱାନ ଓ ମନୀଷୀର ଆବଶ୍ୟକତା ପଡିଥାଏ । କାରଣ ସେହି ରହସ୍ୟ ଓ ଜ୍ଞାନ ଭିତ୍ତିକ ଗୂଢ଼ ପ୍ରସଙ୍ଗ ପ୍ରତ୍ୟେକ ବ୍ୟକ୍ତିକୁ ବୁଝା ପଡି ନଥାଏ, ଯେହେତୁ ଏହି ବିଷୟ ତାହାର ବୋଧଶକ୍ତି ବହିର୍ଭୂତ । ହଁ ଏତିକି କଥା ତ ନିଶ୍ଚିତ ରୂପେ ବୁଝି ପାରିଥାଏ ଯେ, ପବିତ୍ର କୁରଆନ ଏକ ଅଲ୍ଲାହ୍‌ଙ୍କ ବ୍ୟତୀତ ଅନ୍ୟ ଉପାସ୍ୟର ଖଣ୍ଡନ କରିଥାଏ । **ଦ୍ୱିତୀୟତଃ** ଏହି ସମସ୍ୟା ଏପରି ଅର୍ଥ ପ୍ରସଙ୍ଗରେ ସୃଷ୍ଟି ହୋଇଥାଏ ଯାହାକି ଜ୍ଞାନ ଭିତ୍ତିକ ତ ନୁହେଁ କିନ୍ତୁ ତାହା ସେହି ଭାଷାରେ ବର୍ଣ୍ଣନା କରାଯାଇଥିବ, ଯାହାକୁ ଉପମା (ସାଦୃଶ୍ୟ) ସୂଚକ କହନ୍ତି । ସାଧାରଣ ଲୋକେ ସେହି ଭାଷାକୁ ଜାଣିଥିବା ଯୋଗୁଁ ତାହାର ଏପରି ଅର୍ଥ କରିଦେଇଥାନ୍ତି, ଯାହାକି ସତ୍ୟ ଓ ବାସ୍ତବତା ଉପରେ ଆଧାରିତ ନୁହେଁ । ଉଦାହରଣ ସ୍ୱରୂପ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ କାଳରେ ଗୋଟିଏ ଘଟଣା ଘଟିଲା । ଯେତେବେଳେ ସିରିୟା ଯୁଦ୍ଧ ସମୟରେ ହଜରତ ଜାଫର୍ ର.ଅଙ୍କ ଶହିଦ୍

ହେବା ପରିପ୍ରେକ୍ଷୀରେ ହୁଜୁର[ସ.ଅ] କହିଲେ; କ'ଣ ଜାଫର୍[ର.ଅ] ପାଇଁ ରୋଦନକାରୀ କେହି ନାହାନ୍ତି ? ଏହାର ଅର୍ଥ ଏହା ନଥିଲା ଯେ, ଲୋକମାନେ ଯାଇ ତାଙ୍କ (ଶୋକସନ୍ତାପରେ) ବିଳାପ କରନ୍ତୁ, ବରଂ ଏହା ମନସ୍ତାପ ପରିପ୍ରକାଶ କରିବାର ଏକ ଶୈଳୀ ଥିଲା । ଏହାର ଯର୍ଥାଥ ଥିଲା ଯେ, ଏହି ଯୁଦ୍ଧରେ ଆମ ଭାଇ ମଧ୍ୟ ଆରପାରିକୁ ଚାଲି ଯାଇଛନ୍ତି ତଥାପି ଆମେ ଧୈର୍ଯ୍ୟ ରକ୍ଷା କରୁଛୁ । କିନ୍ତୁ ମହାଭାଗଙ୍କର ଏହି ଉକ୍ତିର ଲୋକେ ପ୍ରକାଶ୍ୟ ଅର୍ଥ ବୁଝିଲେ ଏବଂ ନିଜ ମହିଳାମାନଙ୍କୁ ହଜରତ ଜାଫର୍ [ର.ଅ]ଙ୍କ ଘରକୁ ପ୍ରେରଣ କରିଦେଲେ । ଆଉ ସେମାନେ ଯାଇ ତାଙ୍କ ଘରେ ରୋଦନ କରିବା ଆରମ୍ଭ କରିଦେଲେ । ଯେତେବେଳେ ମହାଭାଗଙ୍କୁ ଏହାର ସୂଚନା ମିଳିଲା ସେତେବେଳେ ହୁଜୁର କହିଲେ; ମୋ କହିବାର ଏହି ଉଦ୍ଦେଶ୍ୟ ତ ଆଦୌ ନଥିଲା । ବସ୍ତୁତଃ ଜଣେ ବ୍ୟକ୍ତି ଯାଇ ସେମାନଙ୍କୁ ସେଥିରୁ ବାରଣ କଲେ । କିନ୍ତୁ ସେମାନେ ସେଥିରି ନିବୃତ୍ତ ହେଲେ ନାହିଁ । ତେଣୁ ସେ ଫେରି ଆସି ପୁଣ୍ୟଶ୍ଳୋକଙ୍କୁ ଖବର ଦେଲେ ଯେ, ସେମାନେ ମୋ କଥା ଶୁଣୁ ନାହାନ୍ତି । ପ୍ରତିଉତ୍ତରରେ ପୁଣ୍ୟଶ୍ଳୋକ କହିଦେଲେ, ସେମାନଙ୍କ ମୁଣ୍ଡରେ ମାଟି ପକାଅ ତାତ୍ପର୍ଯ୍ୟ ଏହା ଥିଲା କି ସେମାନଙ୍କ କଥା ଛାଡ଼ିଦିଅ । ପରିଶେଷରେ ସେମାନେ ସ୍ୱୟଂ ନିରବ ହୋଇଯିବେ । କିନ୍ତୁ ଜଣେ ବ୍ୟକ୍ତି ଏକଥାର ମଧ୍ୟ ଆକ୍ଷରିକ ଅର୍ଥ ବାହାର କରି ସତକୁ ସତ ଯାଇ ସେମାନଙ୍କ ମୁଣ୍ଡରେ ମାଟି ଢ଼ାଳିବା ଆରମ୍ଭ କଲା । ଏଥିରେ ହଜରତ ଆଏଶା[ର.ଅ] ତାଙ୍କ ଉପରେ ବିରକ୍ତ ହେଲେ ଯେ, ତୁମେ କଥାର ମର୍ମ ବୁଝି ପାରିଲ ନାହିଁ ।

ଅଲ୍ଲାମା ଇବ୍‌ନେ କସିର୍‌ଙ୍କ ପୁସ୍ତକ 'ଅଲ୍‌ବଦାୟା ଓ ଅଲ୍‌ନହାୟା'ରେ ମୌତା ଯୁଦ୍ଧରେ ଶହିଦ୍ ହୋଇଥିବା ମୁସଲମାନମାନଙ୍କ ଚର୍ଚ୍ଚା କରି ଉଲ୍ଲେଖ କରାଯାଇଛି ଯେ, ସେମାନଙ୍କ ସଂଖ୍ୟା ୧୨ଥିଲା । ଆଉ କେତେକ ବର୍ଣ୍ଣନାରେ ଏହି ସଂଖ୍ୟା ଅଧିକ ଦର୍ଶାଯାଇଛି । ତେବେ ସେ ଯାହା ହେଉ ଏହା ବହୁତ ବଡ ଚମ୍‌କାର ଯେ, ଦୁଇଟି ସେନା ବାହିନୀ ମୁହାଁମୁହିଁ ହେବା ସମୟରେ ଯେଉଁ ଦଳଟି ଈଶ୍ୱରଙ୍କ ମାର୍ଗରେ ସଂଘର୍ଷ କରୁଥିଲା ସେମାନଙ୍କ ସଂଖ୍ୟା ମାତ୍ର ତିନି ହଜାର ଥିବା ସ୍ଥଳେ ଶତ୍ରୁ ପକ୍ଷର ସଂଖ୍ୟା ଦୁଇଲକ୍ଷ ରହିଥିଲା । ତଥାପି ମୁସଲମାନମାନଙ୍କ ମଧ୍ୟରୁ ଖୁବ୍ ସ୍ୱଳ୍ପସଂଖ୍ୟକ ସୈନିକ ଶହିଦ୍ ହୋଇଥିଲେ । ଅପରପକ୍ଷେ ଅବିଶ୍ୱାସକାରୀଙ୍କର ବହୁଳ ସଂଖ୍ୟକ ଲୋକ ନର୍କଗାମୀ ହୋଇଥିଲେ ।

ପୁନଶ୍ଚ ଆଉ ଏକ ସରିୟାର ଚର୍ଚ୍ଚା ରହିଛି, ଯାହାକି ଉମ୍‌ରୋ ବିନ୍ ଆସ୍ ନାମରେ ପ୍ରସିଦ୍ଧ । ଏହି ସରିୟା ଜମାଦିଉଲ୍ ସାନି ୮ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ଇବ୍‌ନେ ଇସହାକ୍‌ଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏକଥାରେ ଏକମତ ଯେ, ଏହି ସରିୟା ମୌତା ଯୁଦ୍ଧ ପରେ ଓ ଜମାଦିଉଲ୍ ସାନି ୮ହିଜ୍‌ରୀରେ ଘଟିଥିଲା । ଏହି ଯୁଦ୍ଧର ମୂଖ୍ୟ କାରଣ ଏହା ଥିଲା କି ନବୀଶ୍ରେଷ୍ଠଙ୍କୁ ସୂଚନା ମିଳିଲା ଯେ, ବନୁ କଜା'ର ଏକ ଦଳ ମଦିନାର ଆଖପାଖ ଅଞ୍ଚଳରେ ଆକ୍ରମଣ କରିବାର ପ୍ରସ୍ତୁତି (ସମରାଭ୍ୟାସ) କରୁଅଛି । ତେଣୁ ତାହାର ମୂଳୋତ୍ପାଟନ କରିବା ନିମନ୍ତେ ମହାଭାଗ ହଜରତ ଉମ୍‌ରୋ ବିନ୍ ଆସ୍ [ର.ଅ]ଙ୍କୁ ପ୍ରେରଣ କଲେ । ମହାଭାଗ ତାଙ୍କ ନେତୃତ୍ୱରେ ଅନସାର୍ ଓ ପ୍ରବାସକାରୀଙ୍କ ମଧ୍ୟରୁ ୩୦୦ସାହାବିଙ୍କୁ ଚୟନ କରି ପ୍ରସ୍ଥାନ କରିବାର ଆଦେଶ ଦେଲେ । ସେମାନଙ୍କ ମଧ୍ୟରେ ତିନିଜଣ ଅଶ୍ୱାରୋହୀ ଥିଲେ, ରସୁଲୁଲ୍ଲାଃ[ସ.ଅ] ହଜରତ ଉମ୍‌ରୋ [ର.ଅ]ଙ୍କ ପାଇଁ ଏକ ଧବଳ ରଙ୍ଗର ଧ୍ୱଜା ପ୍ରସ୍ତୁତ କଲେ । ତତ୍ ସହିତ ଏକ କଳା ବର୍ଣ୍ଣର ଧ୍ୱଜା ମଧ୍ୟ ପ୍ରଦାନ କଲେ । **ହଜରତ ଉମ୍‌ରୋ[ର.ଅ] ରଣକୌଶଳର ଜଣେ ସୁଦକ୍ଷ ବିନ୍ଧାଣୀ ଥିଲେ ତଥା ଯୁଦ୍ଧ କୂଟନୀତି ସଂକ୍ରାନ୍ତରେ ବେଶ ଭଲ ଭାବରେ ଅବଗତ ଥିଲେ ।** ପୁଣ୍ୟଶ୍ଳୋକ ତାଙ୍କର ଏହି ରଣ କୌଶଳତା ଯୋଗୁଁ ତାଙ୍କୁ ମୁସଲମାନମାନଙ୍କର ସେନାଧକ୍ଷ ନିଯୁକ୍ତ କରିଥିଲେ ।

ତେବେ ଇସଲାମୀୟ ସେନା ପ୍ରସ୍ଥାନ କଲା, ସେମାନେ ରାତ୍ର ସମୟରେ ଯାତ୍ରା କରୁଥିଲେ ଏବଂ ଦିବସରେ ଛପି ରହୁଥିଲେ । ଏପରିକି ସେମାନେ ଜଯାମ୍ କବିଲାର ସଲାସିଲ୍ ନାମକ ଏକ ନିର୍ଝର ନିକଟରେ ପହଞ୍ଚିଗଲେ । ଏହି ଦୃଷ୍ଟିରୁ ଏହାକୁ ସରିୟା ଜାତୁସ୍ ସଲାସିଲ୍ ମଧ୍ୟ କୁହାଯାଏ । ନିର୍ଝର ନିକଟରେ ପହଞ୍ଚିବା ପରେ ମୁସଲମାନମାନଙ୍କୁ

ଜ୍ଞାତ ହେଲା ଯେ, ଶତ୍ରୁର ସଂଖ୍ୟା ଢ଼େର ଅଧିକ ରହିଛି । ତେଣୁ ହଜରତ ଉମ୍ରୋ[ର.ଅ] ଆଉ ସାହାଯ୍ୟ ଆଣିବା ନିମନ୍ତେ ହଜରତ ରାଫେ [ର.ଅ]ଙ୍କୁ ହୁଜୁର [ସ.ଅ]ଙ୍କ ନିକଟକୁ ପ୍ରେରଣ କଲେ । ଅତଏବ ମହାଭାଗ ହଜରତ ଅବୁ ଉବେଦାଃ ବିନ୍ ଜରାଃ [ର.ଅ]ଙ୍କ ନିମନ୍ତେ ଏକ ଧ୍ୱଜା ପ୍ରସ୍ତୁତ କଲେ ଏବଂ ୨୦୦ ଜଣ ଅନସାର୍ ଓ ପ୍ରବାସକାରୀଙ୍କୁ ତାଙ୍କ ସାଥିରେ ପ୍ରେରଣ କରିଦେଲେ । ସେମାନଙ୍କ ମଧ୍ୟରେ ହଜରତ ଅବୁବକର୍[ର.ଅ] ଓ ହଜରତ ଉମର୍[ର.ଅ] ମଧ୍ୟ ସାମିଲ ଥିଲେ । ପୁଣ୍ୟଶ୍ଳୋକ ହଜରତ ଅବୁ ଉବେଦାଃ [ର.ଅ]ଙ୍କୁ ପ୍ରେରଣ କରିବା ସମୟରେ ଏହି ଉପଦେଶ ଦେଲେ ଯେ, ସେଠାରେ ପହଞ୍ଚିବା ମାତ୍ରେ ହଜରତ ଉମ୍ରୋ [ର.ଅ]ଙ୍କ ସହିତ ସମ୍ମିଳିତ ହୋଇଯିବ । ଆଉ ଗୋଟିଏ ସେନା ବାହିନୀ ହୋଇ (ଶତ୍ରୁର ମୁକାବିଲା କରିବ) ଓ ପରସ୍ପର ମଧ୍ୟରେ ମତଭେଦ ସୃଷ୍ଟି କରିବ ନାହିଁ ।

ବସ୍ତୁତଃ ଉଲ୍ଲେଖ ରହିଛି ଯେ, ମୁସଲମାନ ସେନା (ମଦିନାରୁ) ବାହାରିଗଲା ଏବଂ ଶତ୍ରୁ ଅଞ୍ଚଳରେ ପହଞ୍ଚି ସେମାନଙ୍କୁ ଧୂଳିଶାତ କରିବା ଆରମ୍ଭ କରିଦେଲା । ଶେଷରେ ମୁସଲମାନମାନେ ବିଜୟ ମଣ୍ଡିତ ହେଲେ । ଆଉ ଯେତେବେଳେ ମୁସଲମାନ ସେନା ସେଠାରେ ପହଞ୍ଚିଲେ ଯେଉଁସ୍ଥଳେ ଶତ୍ରୁ ଏକତ୍ରୀତ ଥିବାର ସୂଚନା ପ୍ରାପ୍ତ ହୋଇଥିଲା, ମୁସଲମାନମାନଙ୍କ ଆଗମନର ଖବର ଶୁଣି ଶତ୍ରୁ ସେଠାରୁ ପଳାୟନ କଲା ଓ ବିଚ୍ଛୁରିତ ହୋଇଗଲା । ମୁସଲମାନମାନେ ସେମାନଙ୍କ ପିଛା କଲେ ଓ ଶତ୍ରୁର ଏକ କ୍ଷୁଦ୍ର ଦଳ ସହିତ ତାଙ୍କର ମୁହାଁମୁହିଁ ହେଲା । ମୁସଲମାନମାନେ ସେମାନଙ୍କ ଉପରେ ଆକ୍ରମଣ କରି ତାଙ୍କୁ ପରାଜିତ କଲେ ଓ ବାକି ଅମାନ୍ୟକାରୀମାନେ ସେଠାରୁ ପଳାୟନ କଲେ ।

ତା'ପରେ ଆଉ ଏକ ସରିୟା ହଜରତ ଅବୁ ଉବେଦାଃ ବିନ୍ ଜରାଃ [ର.ଅ]ଙ୍କ ନେତୃତ୍ୱରେ ସଙ୍ଘଟିତ ହୋଇଥିଲା । ଉକ୍ତ ସରିୟା ରଜବ୍ ମାସ ୮ ହିଜ୍‌ରୀରେ ଘଟିଥିଲା । ଏହାର ଅନ୍ୟ ନାମ ହେଉଛି ସରିୟା ସୈଫୁଲ୍ ବହର୍ । ସୈଫୁଲ୍ ବହର୍ ଅର୍ଥାତ୍ ସମୁଦ୍ରର ତଟଦେଶ । ଏହି ସରିୟାରେ ସାହାବା ଲୋହିତ ସାଗର (ରେଡ୍ ସି) ତଟଦେଶରେ ଅବସ୍ଥାନ କରିଥିଲେ, ତେଣୁ ତାହାର ଏପରି ନାମକରଣ କରାଯାଇଛି । ଏହି ଯୁଦ୍ଧରେ ଏପରି ସମୟ ମଧ୍ୟ ଆସିଥିଲା ଯେତେବେଳେ ମୁସଲମାନ ସୈନିକମାନେ ଗଛର ପତ୍ର ଖାଇବାକୁ ବାଧ୍ୟ ହୋଇଥିଲେ । କାରଣ ସେମାନଙ୍କ ନିକଟରେ ଖାଇବା ନିମନ୍ତେ କୌଣସି ଖାଦ୍ୟ ପଦାର୍ଥ ନଥିଲା । ଏହି ସେନାଦଳର ଅଧ୍ୟକ୍ଷ ହଜରତ ଅବୁ ଉବେଦାଃ ବିନ୍ ଜରାଃ [ର.ଅ]ଙ୍କ ସାଥିରେ ହୁଜୁର[ସ.ଅ] ୩୦୦ ପ୍ରବାସକାରୀ ଓ ଅନସାର୍ ସାହାବିଙ୍କୁ ବନୁ ଜୁହେନାଃର ଶାଖା କବିଲା ଅଭିମୁଖେ ପ୍ରେରଣ କରିଥିଲେ । ଏହି ସୈନ୍ୟ ଦଳରେ ହଜରତ ଉମର୍[ର.ଅ] ମଧ୍ୟ ସାମିଲ ଥିଲେ । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଏହା ବର୍ଣ୍ଣନା କରାଯାଉଛି ଯେ, କୁରୈଶ ମକ୍କାର ଏକ ଦଳ ଖାଦ୍ୟଶସ୍ୟ ଧରି ସିରିୟା ଦେଶରୁ ମକ୍କା ଅଭିମୁଖେ ସମୁଦ୍ରତଟ ପଥରେ ଯାତ୍ରା କରୁଥିଲା । କିନ୍ତୁ ମାର୍ଗରେ ଜୁହେନା କବିଲା ସେମାନଙ୍କ ଉପରେ ଆକ୍ରମଣ କରିଦେବାର ଭୟ ରହିଥିଲା, ଯେହେତୁ ତାହା ସୁଲହ୍ ହୁଦେବିୟାର ସମୟ ଥିଲା । ଆଉ ଜୁହେନା କବିଲା ହୁଜୁର [ସ.ଅ]ଙ୍କର ମିତ୍ର ଥିଲା । ତେଣୁ ମହାଭାଗ ନିଜ ଦୂରଦର୍ଶୀତାରେ ଏକ ସୁରକ୍ଷାକାରୀ ଦଳ ସେମାନଙ୍କ ନିକଟକୁ ପ୍ରେରଣ କଲେ । ଯଦ୍ଦ୍ୱାରା କୁରୈଶ ଦଳକୁ କୌଣସି ପ୍ରକାର ସଂଘର୍ଷର ଆଶଙ୍କା ଘାରିବ ନାହିଁ ଏବଂ ମୁସଲମାନମାନେ ଶାନ୍ତିର ସନ୍ଧି ଭଙ୍ଗ କରିଥିବାର ସେମାନେ କୌଣସି ଆଳ କରିପାରିବେ ନାହିଁ । ଏଥିରୁ ପ୍ରତୀତ ହେଉଛି ସେହି ସାହାବାମାନେ କାହାରି ସହିତ ଲଢ଼ିବା ପାଇଁ ଯାଇ ନଥିଲେ । ତେଣୁ ଏହି ଅଭିଯାନରେ ୧୫ଦିନରୁ ଅଧିକ ଅବଧି ଅବସ୍ଥାନରେ କୌଣସି ସଂଘର୍ଷର ଚର୍ଚ୍ଚା ମିଳୁ ନାହିଁ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏବେ ପାକିସ୍ତାନ ଓ ହିନ୍ଦୁସ୍ତାନ ମଧ୍ୟରେ ଯୁଦ୍ଧର ପରିସ୍ଥିତି ଘନିଭୂତ ହେଉଅଛି । ଏଥିପାଇଁ ବହୁତ ଦୁଆ କରିବେ ଯେ, ଉଭୟ ଦେଶ ମଧ୍ୟରେ ସନ୍ଧି ସ୍ଥାପନ ହେଉ ଓ ଶାନ୍ତିର ପରିବେଶ ଉତ୍ପନ୍ନ ହେଉ । କାରଣ ଆଜିକାଲି ଯୁଦ୍ଧରେ ଯେପରି ଅସ୍ତ୍ରଶସ୍ତ୍ର ବ୍ୟବହାର ହେଉଅଛି, ସେଥିରେ ନିରୀହ ସହରବାସୀଙ୍କ ମଧ୍ୟ ପ୍ରାଣହାନୀ ଘଟିଥାଏ । ସୁତାରଂ ବହୁତ ଦୁଆ କରିବା ଉଚିତ୍ ଯେ, ଉଭୟ ପକ୍ଷ ସନ୍ଧି କରିବାକୁ

ରାଜି ହୋଇଯାନ୍ତୁ ଏବଂ ବଡ ଧରଣର କ୍ଷତିରୁ ସୁରକ୍ଷିତ ରୁହନ୍ତୁ । ଏହି ପରିପ୍ରେକ୍ଷୀରେ ଏକଥା ମଧ୍ୟ ସ୍ମରଣ ରଖିବେ ଯେ, ଆଜିକାଲି ସୋଶିୟାଲ୍ ମିଡ଼ିୟା ଓ ଇଣ୍ଟରନେଟ୍ ତଥା ଏପରି ମାଧ୍ୟମ ଅର୍ଥାତ୍ ଇଲୋକ୍ଟ୍ରୋନିକ୍ ମିଡ଼ିୟା ରହିଛି, ମେସେଜ୍ କରାଯାଉଛି । ଏସବୁରେ ପ୍ରତ୍ୟେକ ଅତି ସ୍ୱାଧୀନ ଭାବରେ ଆଲୋଚନା କରି ଦେଇଥାନ୍ତି । ସେଥିରେ ଲାଭ କମ୍ କିନ୍ତୁ କ୍ଷତି ଅଧିକ ହୋଇଥାଏ । ନିଜ ଆଡୁ ମୁକ୍ତ କଣ୍ଠରେ ଲୋକେ ପରିପ୍ରକାଶ କରିଥାନ୍ତି ଯେ ଆମେ କ'ଣ ଚାହୁଁଛୁ । ତେବେ ଆମ ଅହେମଦିମାନଙ୍କୁ ଏଥିରୁ ବିରତ ରହିବା ଉଚିତ୍ । ଯଦି କାହାରିକୁ ବାର୍ତ୍ତା ଦେବା ଅତି ଜରୁରୀ ତେବେ ତାହାକୁ ଶାନ୍ତି ଓ ନିରାପତ୍ତାର ବାର୍ତ୍ତା ପ୍ରେରଣ କରନ୍ତୁ ।

ହଜରତ ମସିହ ମଉଦ[ଅ.ସ] ମଧ୍ୟ ନିଜ ଜୀବନର ଶେଷ ସମୟରେ "ପୈଗାମେ ସୁଲହ୍" (ପୁସ୍ତକ) ରଚନା କରିଥିଲେ । ସେଥିରେ ହୁଜୁର[ଅ.ସ] ଏହି ସନ୍ଦେଶ ଦେଇଥିଲେ ଅର୍ଥାତ୍ ଶାନ୍ତି, ମୈତ୍ରୀ ଓ ସନ୍ଧିର ସନ୍ଦେଶ । ତେଣୁ ପ୍ରତ୍ୟେକ ଅହେମଦିକୁ ଏକଥା ସ୍ମରଣ ରଖିବା ଉଚିତ୍ ଓ ଏଥିପାଇଁ ପ୍ରଚେଷ୍ଟା କରିବା ଉଚିତ୍ । ଅଲ୍ଲାଃତାଲା ସମସ୍ତ ନିରୀହ ଲୋକମାନଙ୍କୁ ସୁରକ୍ଷିତ ରଖନ୍ତୁ । ଏପରି ପ୍ରତୀତ ହେଉଛି ଶକ୍ତିଶାଳୀ ରାଷ୍ଟ୍ରମାନେ ଏହି ଘଟଣାକୁ ଅଧିକ ବ୍ୟାପକ ହେବାକୁ ଉଦ୍ୟମ କରୁଛନ୍ତି । ସେମାନେ ଚାହୁଁଛନ୍ତି ଯେ, ଏହି ଦୁଇ ଦେଶ ପରସ୍ପର ମଧ୍ୟରେ ଲଢ଼ି ଦୁର୍ବଳ ହୋଇଯାନ୍ତୁ । ଆଉ ସେମାନଙ୍କର ଅସ୍ତ୍ରଶସ୍ତ୍ର ବିକ୍ରୟ ହେଉ । ଅଲ୍ଲାଃତାଲା ସେମାନଙ୍କ କବଳରୁ ମଧ୍ୟ (ଦେଶମାନଙ୍କୁ) ରକ୍ଷା କରନ୍ତୁ । ଏହିପରି ମଧ୍ୟ-ଏସିଆର ଲୋକମାନଙ୍କ ସକାଶେ ମଧ୍ୟ ଦୁଆ କରିବେ, ଅଲ୍ଲାଃତାଲା ସେମାନଙ୍କ ସକାଶେ ସହଜତାର ମାର୍ଗ ଉନ୍ମୁକ୍ତ କରିଦିଅନ୍ତୁ ଏବଂ ସେମାନେ ନିଜ ଦେଶରେ ଶାନ୍ତିର ସହିତ ବସବାସ କରନ୍ତୁ । କିନ୍ତୁ ପ୍ରକାଶ୍ୟରେ ତ ଏପରି ଶାନ୍ତି ପ୍ରତିଷ୍ଠା ହେବାର ଦୃଶ୍ୟମାନ ହେଉ ନାହିଁ । ବରଂ ଏହି ଚେଷ୍ଟା ଚାଲିଛି ଯେ, ସେମାନଙ୍କୁ ସେଠାରୁ ବହିଷ୍କୃତ କରାଯାଉ ଏବଂ ଏଥିରେ ସମସ୍ତ ଦେଶମାନେ ସାମିଲ ଅଛନ୍ତି । ଅଲ୍ଲାଃତାଲା ମୁସଲମାନ ରାଷ୍ଟ୍ରମାନଙ୍କ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଓ ସେମାନେ ଏକ ହୋଇଯାନ୍ତୁ । ଯଦି ସେମାନେ ଏକ ହୋଇଯିବେ ତେବେ ଅନେକ ସମସ୍ୟାର ସମାଧାନ ହୋଇଯିବ ।

ଆଉ ଯଦି ବିଶ୍ୱଯୁଦ୍ଧ ହୁଏ ତେବେ କେତେକ ଲୋକେ ଓ ଦେଶମାନେ ମଣୁଛନ୍ତି କି ସେମାନେ (ତାହାର ବିଭୀଷିକାରୁ) ସୁରକ୍ଷିତ ରହିବେ । କିନ୍ତୁ ଏହା ସେମାନଙ୍କ ଭ୍ରମ ଧାରଣା, ତାହା ସେମାନଙ୍କୁ ମଧ୍ୟ ନିଜ ଆୟତଧୀନ କରିନେବ । ସୁତରାଂ ସମସ୍ତଙ୍କୁ ଏହି ଭ୍ରମ ଧାରଣାର ନିବାରଣ କରିବା ଉଚିତ୍ । ଅଲ୍ଲାଃତାଲା ସମସ୍ତଙ୍କୁ ସୁରକ୍ଷିତ ରଖନ୍ତୁ । ସେ ଯାହା ହେଉ ଯେପରିକି ମୁଁ ସର୍ବଦା କହିଥାଏ ଯେ, ଏଥିରୁ ବର୍ତ୍ତି ରହିବାର ଏକ ମାତ୍ର ଉପାୟ ହେଉଛି ନିଜ ପାଳନକର୍ତ୍ତା ନିକଟରେ ନତମସ୍ତକ ହେବା । ଏତଦ୍ ବ୍ୟତୀତ ସୁରକ୍ଷିତ ରହିବାର ଅନ୍ୟ କୌଣସି ବାଟ ନାହିଁ । ଏଥି ସକାଶେ ଅଲ୍ଲାଃତାଲା ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମ୍‌ଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❖❖❖ ❖❖❖ ❖❖❖ ❖❖❖ ❖❖❖

Khulasa Khutba Juma Huzoor Anwar a.b.a

9th May 2025

*Translated to Odia by :* Moulavi Anwar Ahmad Khan